# ସମ୍ବିଧାନ ଓ ଭଲ ଲୋକ

## ବୀରେନ୍ଦ୍ର ନାୟକ

ଇଂରାଜୀ ଦୈନିକ New Indian Expressର ରବିବାର ସଂସ୍କରଣରେ (୧୪/୪/୨୦୧୯) ସ୍ତମ୍ଭକାର ଶଙ୍କର ଆୟାରଙ୍କ ସ୍ତମ୍ଭରେ ("Empower NOTA-Make Parties Atone") ଏକ ସୂଚନା ଏହି ନିବନ୍ଧଟିର ରଚନାର ହେତୁ ବୋଲି କହିବି । ସୂଚନାଟି ଥିଲା ୧୧/୪/୨୦୧୯ ଦିନ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଯେଉଁ ୯୧ଟି ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହୋଇଥିଲା, ସେଥିରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୨୬୬ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୨୧୩ ଜଣଙ୍କ ବିରୁଦ୍ଧରେ ଅପରାଧିକ ମାମଲା ଯାହା ମଧ୍ରୁ ୧୪୬ଙ୍କ ବିରୁଦ୍ଧରେ ଗମ୍ଭୀର ଅପରାଧିକ ମାମଲା ଯେପରି ଅଦାଲତରେ ୧୨ଜଣ ଦୋଷୀ ସାବ୍ୟସ୍ତ, ୧୦ ଜଣଙ୍କ ନାଁରେ ହତ୍ୟା ମାମଲା, ୨୫ ଜଣଙ୍କ ନାଁରେ ହତ୍ୟା ଉଦ୍ୟମର ମାମଲା, ୧୬ଜଣଙ୍କ ନାଁରେ ମହିଳାଙ୍କ ବିରୁଦ୍ଧରେ ଅପରାଧ ଆଦି । ବିଧାନସଭାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ଏହି ଅନୁପାତ ଆହୁରି ଗମ୍ଭୀର । ଯେପରି ଆନ୍ଧ୍ରପ୍ରଦେଶରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨୦୦୭ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୧ଜଣଙ୍କ ନାମରେ ଅପରାଧିକ ମାମଲା ଓ ତା ମଧ୍ୟରୁ ୨୨୦ଜଣଙ୍କ ନାଁରେ ରହିଛି ଗମ୍ଭୀର ଅପରାଧିକ ମାମଲା । ଏହିଭଳି ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନେ କେଉଁ ସଂଖ୍ୟାରେ ଯାଇ ଲୋକସଭା ଓ ବିଧାନସଭାରେ ସଭ୍ୟପଦ ମଣ୍ଡନ କରିବେ ତାହା ଅବଶିଷ୍ଟ ୬ପର୍ଯ୍ୟାୟରେ ନିର୍ବାଚନ ସରିଲେ ହିଁ ଜଣାଯିବ । କିନ୍ତୁ ଯଦି ୨୦୦୪, ୨୦୦୯ ଓ ୨୦୧୪ ନିର୍ବାଚନରେ ସଫଳ ପ୍ରାର୍ଥୀମାନଙ୍କର ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ତଥ୍ୟକୁ ଦେଖାଯାଏ ତାହାହେଲେ ୨୦୧୯ରେ ନିର୍ବାଚିତ  ଦୃଶ୍ୟ କେତେ ଭିନ୍ନ ହୋଇପାରେ ତାହା ଅନୁମେୟ । ୨୦୦୪ରେ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ୨୪ ପ୍ରତିଶତ ସାଂସଦଙ୍କ ନାମରେ ଅପରାଧିକ ମାମଲା ଥିବାବେଳେ (୧୨ପ୍ରତିଶତଙ୍କ ନାମରେ ଗମ୍ଭୀର ଅପରାଧିକ ମାମଲା), ୨୦୦୯ରେ ଏହି ହାର ୩୦ ପ୍ରତିଶତ (ଗମ୍ଭୀର ମାମଲାରେ୧୫ ପ୍ରତିଶତ) କୁ ବୃଦ୍ଧି ପାଇବା ଓ ୨୦୧୪ରେ ଏହି ହାରରେ ଆହୁରି ବୃଦ୍ଧି ଘଟିବା, ୩୪ପ୍ରତିଶତ (ଗମ୍ଭୀର ମାମଲା ୨୧ ପ୍ରତିଶତ), ଦର୍ଶାଏ ଅପରାଧିକ ମାମଲା ଥିବା ସାଂସଦଙ୍କ ସଂଖ୍ୟାରେ କ୍ରମାନ୍ୱୟରେ ବୃଦ୍ଧି ଘଟୁଛି, ଗମ୍ଭୀର ମାମଲା ଥିବା ସାଂସଦଙ୍କ ସଂଖ୍ୟାରେ ବୃଦ୍ଧି ତ୍ୱରିତ ହେଉଛି । ୨୦୧୯ ନିର୍ବାଚନରେ ଏହି ବୃଦ୍ଧି କେଉଁ ହାରରେ ବଜାୟ ରହୁଛି ତାହା ନିର୍ବାଚନ ଫଳ ଘୋଷଣା ପରେ ହିଁ ଜଣାପଡ଼ିବ । ସଂସଦ ଓ ବିଧାନସଭାରେ ସମ୍ବିଧାନସମ୍ମତ ଆଇନ କରିବାର ଦାୟିତ୍ୱ ସାଂସଦ ଓ ବିଧାୟକମାନଙ୍କ ଉପରେ ଯେଉଁମାନଙ୍କ ମଧ୍ୟରେ ଆଇନ ଖିଲାଫ କରିଥିବା ଅଭିଯୋଗରେ ମାମଲାର ସମ୍ମୁଖୀନ ହେଉଥିବା ସଭ୍ୟମାନଙ୍କର ସଂଖ୍ୟାରେ ବୃଦ୍ଧି ସମ୍ବିଧାନର ପ୍ରକୃତ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ବିରାଟ ଅନ୍ତରାୟ ହେବା ଅସମ୍ଭବ ନୁହେଁ ।

***ଭଲ ଲୋକ ଅପେକ୍ଷାରେ***

ସମ୍ବିଧାନ ପ୍ରସ୍ତୁତ ହୋଇଗଲାପରେ, ସମ୍ବିଧାନ ରଚନା କମିଟିର ଅଧ୍ୟକ୍ଷ ଡକ୍ଟର ବାବାସାହେବ ଆମ୍ବେଦକର, ସମ୍ବିଧାନ ସଭାରେ, ଏହା ଉପରେ ହୋଇଥିବା ମନ୍ତବ୍ୟ ଗୁଡ଼ିକର ଉ  ରରେ କହିଥିଲେ', "ମୁଁ ଅନୁଭବ କରେ ଯେ ସମ୍ବିଧାନ ଯେତେ ଭଲ ହେଲେ ମଧ୍ୟ ଏହାର ଫଳ ନିଶ୍ଚିତ ଖରାପ ହେବ କାରଣ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁମାନଙ୍କୁ ଆମେ ଦାୟିତ୍ୱ ଦେବା ସେମାନେ ଯଦି ଖରାପ ଲୋକ । ଅପରପକ୍ଷରେ ସମ୍ବିଧାନ ଯେତେ ଖରାପ ହେଲେ ମଧ୍ୟ ଏହାର ଫଳ ନିଶ୍ଚିତ ଭଲ ହେବ କାରଣ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁମାନଙ୍କୁ ଆମେ ଦାୟିତ୍ୱ ଦେବା ସେମାନେ ଯଦି ଭଲ ଲୋକ । ସମ୍ବିଧାନର କାର୍ଯ୍ୟକାରିତା ସମ୍ପୂର୍ଣ୍ଣ ଭାବରେ ସମ୍ବିଧାନର ପ୍ରକୃତି ଉପରେ ନିର୍ଭର କରେ ନାହିଁ । ସମ୍ବିଧାନ କେବଳ ଦେଇପାରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ପରି ରାଷ୍ଟ୍ରର ଅଙ୍ଗ ସମୂହ । ରାଷ୍ଟ୍ରର ଏହି ଅଙ୍ଗଗୁଡ଼ିକ କିପରି କାର୍ଯ୍ୟ କରିବେ ତାହା ନିର୍ଭର କରୁଛି ଲୋକଙ୍କ ଉପରେ, ଓ ସେମାନଙ୍କ ଆଶା ଆକାଂକ୍ଷା ଓ ରାଜନୀତିକୁ  ଚରିତାର୍ଥ କରିବା ପାଇଁ ସେମାନେ ଯେଉଁ ରାଜନୈତିକ ଦଳ ଗଢ଼ିବେ, ତା'ଉପରେ ।" ଏହା ସେ କହିଥିଲେ ସମ୍ବିଧାନ ସମ୍ବିଧାନ ସଭାରେ ଗୃହୀତ ହେବାର ଦିନକ ପୂର୍ବରୁ, ୨୫ ନଭେମ୍ବର ୧୯୪୯ ଦିନ । ସମ୍ବିଧାନ ଗୃହୀତ ହେବା ଦିନ (୨୬ ନଭେମ୍ବର ୧୯୪୯)  ସମ୍ବିଧାନ ସଭାର

ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ (ପରେ ଭାରତର ପ୍ରଥମ ରାଷ୍ଟ୍ରପତି) ସଭାଗୃହରେ କହିଥିଲେ[୩],"ରାଷ୍ଟ୍ରର ମଂଗଳ ପାଇଁ ସମ୍ବିଧାନ କଣ ଦେଇପାରିବ ବା ପାରିବ ନାହିଁ, ତାହା ନିର୍ଭର କରୁଛି ରାଷ୍ଟ୍ରର ଶାସନ କିପରି ହେଉଛି । ଏହା ନିର୍ଭର କରୁଛି ଶାସନ କରୁଥିବା ବ୍ୟକ୍ତିଙ୍କ ଉପରେ । ଏହା ଏକ ପ୍ରଚଳିତ ଉକ୍ତି ଯେ ରାଷ୍ଟ୍ର ସେହିପରି ସରକାର ପାଇଥାଏ ଯାହାର ସେ ଯୋଗ୍ୟ ।...ଯଦି ନିର୍ବାଚିତ ବ୍ୟକ୍ତି ମାନେ ଦକ୍ଷ ଓ ଚରିତ୍ରବାନ ତଥା ସଚ୍ଚୋଟ, ସେମାନେ ଏକ ତ୍ରୁଟିପୂର୍ଣ୍ଣ ସମ୍ବିଧାନରୁ ମଧ୍ୟ ଉତ୍କର୍ଷ ପରିଣାମ ବାହାର କରିପାରିବେ । ଯଦି ସେମାନଙ୍କଠାରେ ଏହି ଗୁଣଗୁଡ଼ିକ ନଥାଏ, ତାହାହେଲେ କେବଳ ସମ୍ବିଧାନ ରାଷ୍ଟ୍ରକୁ କଦାପି ସାହାଯ୍ୟ କରିପାରିବ ନାହିଁ । ପ୍ରକୃତରେ ସମ୍ବିଧାନ କ'ଣ, ଯଦି ଗୋଟିଏ ନିର୍ଜୀବ ଯନ୍ତ୍ର ମାତ୍ର ନୁହେଁ? ଏହା ଜୀବନ ପାଏ ସେହିମାନଙ୍କ ଦ୍ୱାରା ଯେଉଁମାନେ ଏହାକୁ ନିୟନ୍ତ୍ରଣ କରନ୍ତି ଓ ଏହାକୁ ଚଳାନ୍ତି, ଏବଂ ଭାରତ ଆଜି ସଚ୍ଚୋଟ ବ୍ୟକ୍ତିମାନଙ୍କର ଏକ ଗୋଷ୍ଠୀ ବ୍ୟତିତ ଅଧିକ କିଛି ଚାହେଁ ନାହିଁ ଯେଉଁମାନେ କି ବ୍ୟକ୍ତିଗତ ସ୍ୱାର୍ଥ ଉର୍ଦ୍ଧ୍ୱରେ ରାଷ୍ଟ୍ରର ସ୍ୱାର୍ଥକୁ ରଖିବେ ।" ଏହି ସମ୍ବିଧାନ ସଭାର ପ୍ରଥମ ବୈଠକରେ ଉଦ୍‌ଘାଟନୀ ଅଭିଭାଷଣ ଦେଇ ସଭାର କାର୍ଯ୍ୟକାରୀ ଅଧ୍ୟକ୍ଷ ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା ସମ୍ବିଧାନ ବିଶେଷଜ୍ଞ Joseph Story (in Commentaries on the Constitution of the United States)ଙ୍କୁ ଉଦ୍ଧାର କରି କହିଥିଲେ[୩], "ମୁଁ ଆପଣମାନଙ୍କ ବିଚାରାର୍ଥେ କହୁଛି ଯେ ଗଣତନ୍ତ୍ର (republic)ଗୁଡ଼ିକର ଗଠନ ହୁଏ ସାଧୁତା ଓ ବିଶ୍ୱସନୀୟତା ଦ୍ୱାରା, ଜନାଭିମୁଖୀ ମାନସିକତା ଦ୍ୱାରା ଏବଂ ନାଗରିକର ବୁଦ୍ଧି ଦ୍ୱାରା । ସେମାନଙ୍କର ପତନ ହୁଏ ଯେତେବେଳେ ବିଜ୍ଞ ବ୍ୟକ୍ତିଗଣଙ୍କୁ ଜନସଭାମାନଙ୍କରୁ ନିର୍ବାସିତ କରାଯାଏ କାରଣ ସେମାନେ ସଚ୍ଚୋଟ ହେବାର ସାହସ ଦେଖାନ୍ତି, ଏବଂ ଦୁଃଶ୍ଚରିତ୍ର ବ୍ୟଭିଚାରୀମାନଙ୍କୁ ପୁରସ୍କୃତ କରାଯାଏ କାରଣ ସେମାନେ ଲୋକଙ୍କ ଚାଟୁକାରିତା କରିଥାନ୍ତି, ସେମାନଙ୍କୁ ପ୍ରତାରିତ କରିବା ପାଇଁ ।" ଏହି ଭାବନା ସ୍ମରଣ କରାଇଦିଏ ପ୍ରାୟ ୨୪୦୦ ବର୍ଷ ତଳେ ପ୍ଲାଟୋଙ୍କର ଆଶଙ୍କାକୁ, ଯାହା ଉଦ୍ଧାର କରାଯାଇପରେ ୱିଲ ଡୁରାଁଙ୍କ ଭାଷାରେ[୪], "ଏହାର (ଡେମୋକ୍ରାସୀ) ମୂଳ ନୀତି ସମସ୍ତଙ୍କର ସମାନ ଅଧିକାର ଅଛି କ୍ଷମତାକୁ ଆସିବାର ଓ ଲୋକ ନୀତି ନିର୍ଦ୍ଧାରଣ କରିବାର । ପ୍ରଥମ ଦୃଷ୍ଟିରେ ଏହା ଏକ ଅତି ଭଲ ଆୟୋଜନ । ଏହା କିନ୍ତୁ ଏକ ବିପର୍ଯ୍ୟୟରେ ପରିଣତ ହୁଏ କାରଣ ଜନତା ସର୍ବୋ ମ ଶାସକ ଓ ବିଜ୍ଞତାର ସହ ଗତିପଥ ଚୟନ ପାଇଁ ଶିକ୍ଷାଦ୍ୱାରା ସଠିକ ଭାବେ ସଜ୍ଜିତ ହୋଇନଥାଏ । ଏହି ଲୋକମାନଙ୍କର କୌଣସି ବୁଝାମଣା ନ ଥାଏ, ସେମାନେ କେବଳ ଯାହା ସେମାନଙ୍କର ଶାସକ ତାଙ୍କ ଇଚ୍ଛାନୁସାରେ କୁହନ୍ତି ତାହାକୁ ହିଁ ସେମାନେ ଦୋହରାଇଥାନ୍ତି । କୌଣସି ଏକ ମତବାଦର ଗ୍ରହଣୀୟତା ବା ପ୍ରତ୍ୟାଖ୍ୟାନ ପାଇଁ, କେବଳ ମାତ୍ର ଆବଶ୍ୟକ, ଏହାର ପ୍ରଶଂସା ବା ନିନ୍ଦା । ଭିଡ଼-ଶାସନ (Mob-rule) ହେଉଛି ଏକ ଅଶାନ୍ତ ସମୁଦ୍ର ଯାହା ଉପରେ ରାଷ୍ଟ୍ରରୂପୀ ଜାହାଜ ଚଢ଼ିଥାଏ ; ବାଗ୍ମୀତା (oratory)ର ପବନ ଜଳକୁ ଚହଲାଇ ଦିଏ ଏବଂ ଗତିପଥକୁ ବିଚ୍ୟୁତ କରି ଦିଏ । ଏହିଭଳି ଗଣତନ୍ତ୍ରର ପରିଣତି ହେଉଛି ସ୍ୱେଚ୍ଛାଚାରୀ ଶାସନ ବା ଏକଛତ୍ରବାଦ; ଭିଡ଼ ଚାଟୁକାରିତାକୁ ହିଁ ଭଲ ପାଏ, ସେ 'ମହୁ ପାଇଁ ଏତେ ଭୋକିଲା' ଥାଏ ଯେ, ଶେଷରେ ନିଜକୁ 'ଲୋକଙ୍କର ରକ୍ଷକ' ବୋଲି ଘୋଷଣା କରି ଏକ ଚତୁର ଓ ଅତ୍ୟନ୍ତ ନୀତିହୀନ ଚାଟୁକାର ସର୍ବୋଚ୍ଚ କ୍ଷମତାକୁ ଉଠିଥାଏ ।" ଆଜି ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବାଗ୍ମୀତା ସର୍ବଜନ ସ୍ୱୀକୃତ । ଏହି ବାଗ୍ମୀତା ଲୋକଙ୍କର ମୂଳ ଅର୍ଥନୈତିକ ଓ ସାମାଜିକ ସମସ୍ୟାରୁ ଦୃଷ୍ଟି ବିଚ୍ୟୁତ କରି ରାଷ୍ଟ୍ରର ସୁରକ୍ଷାକୁ ମୂଳ ପ୍ରସଙ୍ଗ କରିବା, ଓ ଏହି ସୁରକ୍ଷା କେବଳ କ୍ଷମତାସୀନ ମୋଦୀ ହିଁ ଦେଇପାରିବେ ଏହିଭଳି ଧାରଣା ଜନମାନସରେ ସୃଷ୍ଟି କରିବା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଏହା ଯେ ସ୍ୱେଚ୍ଛାଚାରୀ ଶାସନ ବା ଏକଛତ୍ରବାଦ ସ୍ଥାପନାର ପ୍ରାକ୍ ସୂଚନା, ଏହା ବ ର୍ମାନ କହିବା ଅପରିପକ୍ୱ ହେବ । ଭାରତ ଭଳି ଏକ ବହୁଦଳୀୟ ଗଣତନ୍ତ୍ରରେ ଏପରି ସମ୍ଭାବନା ବେଶ୍ କ୍ଷୀଣ ମନେ ହୁଏ । କାରଣ ଭାରତକୁ ବିରୋଧୀ ଦଳ ମୁକ୍ତ କରିବାର ସମସ୍ତ ଉଦ୍ୟମକୁ ଭାରତର ମତଦାତା ପ୍ରତ୍ୟାଖ୍ୟାନ କରି ଆସିଛି ଓ କରୁଥିବ ।

***<u>ଉପସଂହାର</u>***

ତେବେ ୭୦ବର୍ଷ ତଳେ ସମ୍ବିଧାନ ସଭାରେ ବାବାସାହେବ ଆମ୍ବେଦକର, ରାଜେନ୍ଦ୍ର ପ୍ରସାଦ ଓ ସଚ୍ଚିଦାନନ୍ଦ ସିହ୍ନାଙ୍କର ସ୍ୱପ୍ନ ବିଡମ୍ବିତ ହୋଇଛି ଓ ହେଉଛି । ଏମାନେ ସମସ୍ତେ ଚାହିଁଥିଲେ ସମ୍ବିଧାନ ଓ ଏହାଦ୍ୱାରା ସ୍ଥାପିତ ବ୍ୟବସ୍ଥାପିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ଭଲ ଲୋକ, ବିଜ୍ଞଲୋକ ଓ ସମ୍ବିଧାନ ପ୍ରତି ନିଷ୍ଠାପର ଲୋକଙ୍କ ହାତରେ ରହୁ । କିନ୍ତୁ ତାହା ଯେ ହୋଇପାରି ନାହିଁ ତାହାର ଏକ ସଦ୍ୟ ଚିତ୍ର ମିଳେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜେ ଚେଲମେଶ୍ୱର, ଚଳିତବର୍ଷ ଗଣତନ୍ତ୍ର ଦିବସରେ କରିଥିବା କ୍ଷୋଭକ୍ତିରେ । ସେ କୁହନ୍ତି[୫], "ଭାରତୀୟ ସମ୍ବିଧାନ ରାଜନୈତିକ ଦୃଷ୍ଟିରୁ ଏକ ପବିତ୍ର ବିଧି ଦସ୍ତାବିଜ ଯାହାର ରଚନା ବହୁ ପରିଶ୍ରମ କରି, ଅତି ମନୋଯୋଗ ସହକାରେ କରାଯାଇଛି । ଏହା ସେହି ଆଦର୍ଶଗୁଡ଼ିକୁ ଧାରଣ କରିଛି ଯାହା ଆମ ଗଣତନ୍ତ୍ରର ପ୍ରତିଷ୍ଠାତାମାନେ ଅତି ଆଦରର ସହିତ ହୃଦୟରେ ପୋଷଣ

କରିଥିଲେ । କିନ୍ତୁ ମୋର ଆଶଙ୍କା ଯେ ରାଷ୍ଟ୍ରର ସୁଶୃଙ୍ଖଳିତ ପରିଚାଳନା କ୍ଷେତ୍ରରେ ଏହା ଦ୍ରୁତ ଗତିରେ ତାର ପ୍ରାସଙ୍ଗିକତା ହରାଇ ଚାଲିଛି । ଏହି ୭୦ବର୍ଷ ମଧ୍ୟରେ ଏହା ଏକ ଉପାସନାଯୋଗ୍ୟ ପବିତ୍ର ଗ୍ରନ୍ଥ ମାତ୍ରରେ ପରିଣତ ହୋଇଛି, ଯାହାର ବାକ୍ୟକୁ , ନା ବାକ୍ୟର ଆତ୍ମାକୁ କେହି ଅନୁସରଣ କରୁଛି । ପ୍ରକୃତରେ ସମ୍ବିଧାନ ଦ୍ୱାରା ସ୍ଥାପିତ ସରକାରଙ୍କର ତିନୋଟି ବିଭାଗର କୁଶାସନ ପାଇଁ ଏହା କ୍ଷମତାର ମୂଳ ହୋଇଛି । ମନେ ହେଉଛି ଯେପରି ବିଭିନ୍ନ ସାମ୍ବିଧାନିକ ପଦରେ ବସିଥିବା ବ୍ୟକ୍ତିମାନଙ୍କର ନା ସମ୍ବିଧାନର ମୂଳପାଠ (Text) ଅଧ୍ୟୟନ କରିବାରେ ଆଗ୍ରହ ରହିଛି, ନା ଆଗ୍ରହ ରହିଛି ଏହାର ବିଭିନ୍ନ ଯୋଜନାଗୁଡ଼ିକୁ ବୁଝିବା ପାଇଁ । ଏହାର ମହତ ଉଦ୍ଦେଶ୍ୟକୁ ଉପେକ୍ଷା କରି ଲୋକଙ୍କ ଉପରେ ପ୍ରଭୁତ୍ୱ ସାବ୍ୟସ୍ତ କରିବାପାଇଁ ଏହା କେବଳ ଏକ ସୂତ୍ର ହୋଇଛି । ସାମ୍ବିଧାନିକ ନ୍ୟାୟାଳୟର ବିଚାରପତି  ମାନେ ହେଉଛନ୍ତି ଭାରତୀୟ ସମ୍ବିଧାନର ମହାନ ପୁରୋହିତ ।.....ସମ୍ବିଧାନର ସୂକ୍ଷ୍ମ ତାରତମ୍ୟଗୁଡ଼ିକୁ ନେଇ ରାଜନୈତିକ ଶ୍ରେଣୀ ଆଜି ଅଯଥା ବ୍ୟସ୍ତ ନୁହେଁ । ଏବଂ ଏହାକୁ ଖାତିର କରନ୍ତି ନାହିଁ ମହାନ ପୁରୋହିତମାନେ ।" ଏଠାରେ ସ୍ମରଣ କରିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ମାନ୍ୟବର ଚେଲମେଶ୍ୱର ଜାନୁଆରୀ ୧୨, ୨୦୧୮ ଦିନ ଅନ୍ୟ ତିନିଜଣ ବରିଷ୍ଠ ବିଚାରପତିଙ୍କ ସହ ଗଣମାଧ୍ୟମ ସାମ୍ନାକୁ ଆସି ଉଚ୍ଚତମ ନ୍ୟାୟାଳୟର କାର୍ଯ୍ୟ ପଦ୍ଧତି ବିରୁଦ୍ଧରେ ସ୍ୱର ଉଠାଇଥିଲେ ଓ ଜଣାଇଥିଲେ ଯେ ସର୍ବୋଚ୍ଚ ନ୍ୟାୟାଳୟରେ ସବୁ ଠିକ ଠାକ ଚାଲି ନାହିଁ ଓ ଏହା ଯଦି ସେମାନେ ଜନତାଙ୍କୁ ନ ଜଣାନ୍ତି ତାହାହେଲେ କୋଡିଏ ବର୍ଷ ପରେ ଆଗାମୀ ବଂଶଧର ତାଙ୍କୁ କ୍ଷମାଦେବ ନାହିଁ । ସେମାନଙ୍କର ମତରେ ଯାହା ଚାଲିଛି ତାହା ଯଦି ଅବ୍ୟାହତ ରହେ ତାହାହେଲେ ଗଣତନ୍ତ୍ର ବିପନ୍ନ ହେବ । ବିଚାରପତିମାନେ ଗଣମାଧ୍ୟମ ସାମନାକୁ ଆସିବା ଥିଲା ଅଭୂତପୂର୍ବ ଘଟଣା ଭାରତୀୟ ନ୍ୟାୟପାଳିକାର ଇତିହାସରେ । କିନ୍ତୁ ଏତଦ୍‌ଦ୍ୱାରା ସେମାନେ ଦର୍ଶାଇ ଦେଇଥିଲେ ଯେ ଗଣତନ୍ତ୍ରରେ ଜନତା ହିଁ ସମସ୍ତଙ୍କ ଊର୍ଦ୍ଧ୍ୱରେ, ସବୁ ସାମ୍ବିଧାନିକ ଅନୁଷ୍ଠାନର ଊର୍ଦ୍ଧ୍ୱରେ । ସେମାନେ ପ୍ରକାରାନ୍ତରେ ଜନତାଠାରୁ ଦାବି କରନ୍ତି ସଚେତନତା, ସତର୍କତା । ଏହି ସଚେତନତା ଓ ସତର୍କତାର ସ୍ତର ଉପରେ ନିର୍ଭର କରେ ଗଣତନ୍ତ୍ରର ଗୁଣାତ୍ମକତା । ଜନତାର ସାମାଜିକ, ସାଂସ୍କୃତିକ, ରାଜନୈତିକ ସଚେତନତା ଓ ସତର୍କତାର ବୃଦ୍ଧିରେ ଯେଉଁମାନଙ୍କର ଭୂମିକା ରହିଛି ସେମାନଙ୍କ ଠାରେ ନିରପେକ୍ଷତା, ବସ୍ତୁନିଷ୍ଠତା ଓ ସାଧାରଣ ମଣିଷ ପ୍ରତି ସମ୍ବେଦନଶୀଳତା ଯେ ଅପରିହାର୍ଯ୍ୟ -ଏହା କେଉଁ ସଚେତନ ନାଗରିକ ଅସ୍ୱୀକାର କରିବ? ଏହିଭଳି ପ୍ରସ୍ତୁତ ସଚେତନ ଜନତା ହିଁ ଭଲଲୋକ ଦେଇପାରେ ଯାହା ଉପରେ ଗୁରୁତ୍ୱ ଦେଉଥିଲେ ସମ୍ବିଧାନର ପ୍ରବୃଦ୍ଧ ପ୍ରଣେତାମାନେ ।

***ବ୍ୟବହୃତ ଉପାଦାନ ସୂଚୀ***


୧.When Crime Pays, Milan Vaishnav , Harper Collins Publishers India, 2017, p.9

୨. Makers of Modern India, Ramachandra Guha, Penguin Random House India, 2012, p.320

୩. Individuals, Institutions, Processes, Arun Shourie, Viking, Penguin Books (India) Limited, 1990, pp.4-5

୪ .The Story of Philosophy, Will Durant, A Washington Square Press Publication of Pocket Books, 1961, pp.20-21

୫.Bifurcation of Hyderabad HC flawed, by Justice J Chelameswar, former Supreme Court Judge, The New Indian Express, 26/01/2019